# Akashvani, Sambalpur

## SAMBALPURI NEWS EVENING BULLETIN

## 29 September 2024- 7.02 pm- 7.12 pm.

*********************************************

୧- ସାନ୍ତାଳି ଭାଷାର୍ ସଂରକ୍ଷଣ୍ ଲାଗି ରାମ୍‌ଜିତ୍ ଟୁଡୁଙ୍କର୍ ପ୍ରୟାସ୍‌କେ ପ୍ରଶଂସା କଲେ ପ୍ରଧାନ୍‌ମନ୍ତ୍ରୀ ।

- ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ର ସଫଲ୍ ରୂପାୟନ୍ ଲାଗି ଆକାଶବାଣୀ, ଦୂରଦର୍ଶନ୍ ଆର୍ ପ୍ରସାର୍ ଭାରତୀର କର୍ମଚାରୀମାନ୍‌କୁ ଜନାଲେ ଅଭିନନ୍ଦନ୍ ।

୨- ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର ୨ ନମ୍ବର୍ ଖେପ୍ ଟଙ୍କା ଆଏବା ୯ ତାରିଖ୍ ଦିନ ଦିଆଯିବା-କହେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

ଆଉର୍

୩- ସମ୍ବଲ୍‌ପୁର୍‌ର ହୀରାକୁଦ୍ ଠାନେ ଏୟାର୍‌ଫୋର୍ସର ରାଡ଼ାର୍ ଷ୍ଟେସନ୍ ଥାପ୍‌ନା ପ୍ରକ୍ରିୟା ହେଲା ମୁଳ୍ ।

ମେକ୍ ଇନ୍ ଇଣ୍ଡିଆ ଅଭିଯାନ୍ ଭାରତ୍‌କେ ପୁର୍ଥି ନ ଉତ୍ପାଦନ୍ ଆଉ ପ୍ରସ୍ତୁତି କ୍ଷେତ୍ର୍‌ଥି ଗୁଟେ ସ୍ୱତନ୍ତ୍ର ଜାଗା ଦେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆଏଜ୍ ଆକାଶ୍‌ବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କରିକରି କହିଛନ୍ ଯେ, ସମାଜ୍‌ର ଆର୍ଥିକ ଦୁର୍ବଲ୍ ବର୍ଗ, ମଧ୍ୟବିତ ଆଉ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ମେକ୍ ଇନ୍ ଇଣ୍ଡିଆ ଅଭିଯାନ୍ ଜରିଏ ବହୁତ୍‌ଟେ ଲାଭ୍ ପାଇଛେ । ସେନ୍ତା ନିଯୁକ୍ତି କ୍ଷେତ୍ର୍‌ଥି ପରିବର୍ତନ୍ ଥିତି ଉପ୍‌ରେ ଆଲୋକପାତ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ନୂଆଁ କ୍ଷେତ୍ରର୍ ଆବିର୍ଭାବ୍ ସାଙ୍ଗେ ନିଯୁକ୍ତିର ପରିଭାଷା ବଦ୍‌ଲୁଛେ । ପ୍ରତିଭା ଆର୍ ସୃଜନଶୀଳତାକେ ତହଁକାବାର୍ ଲକ୍ଷ୍ୟଥି ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟ 'ଭାରତ୍ ନ ପ୍ରସ୍ତୁତ' ଶୀର୍ଷକ୍ ପ୍ରସଙ୍ଗ ଆଧାର୍‌ଥି ୨୫ ଟା ବର୍ଗଥି ପ୍ରତିଯୋଗିତା ଆୟୋଜନ୍ କରୁଛେ । ଇଥି ଅଂଶଗ୍ରହଣ୍ କର୍‌ବାର୍‌କେ ଦେଶ୍‌ବାସୀଙ୍କୁ ପ୍ରଧାନ୍‌ମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ଆଏବା ଅକ୍ଟୋବର୍ ମାସ ୨ ତାରିଖ୍ ଦିନ ସ୍ୱଚ୍ଛ ଭାରତ୍ ମିଶନ୍‌କେ ୧୦ ବଛର୍ ପୁରା ହେବା । ଇତାର୍ ସଫଲତା ଉପ୍‌ରେ ଆଲୋକପାତ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ସ୍ୱଚ୍ଛତା ଉପ୍‌ରେ ସଭେ ଅଏତ୍‌କା ଧ୍ୟାନ୍ ଦଉଛନ୍ । ବର୍ଜ୍ୟବସ୍ତୁନୁ ସ୍ୱାସ୍ଥ୍ୟ ତକ୍ ସମ୍‌କର୍ ପାଖେ ଇ ମନ୍ତ୍ର ଅଏତ୍‌କା ଗ୍ରହଣୀୟ ହେଇପାରିଛେ । ଲୁକ୍‌କର୍ ସହଭାଗିତା ଇଟାକେ ଗୁଟେ ଜନଆନ୍ଦୋଳନ୍‌ଥି ବଦ୍‌ଲେଇପାରିଛେ । ଜାତିର ପିତା

ମହାତ୍ମାଗାନ୍ଧୀଙ୍କର୍ ପ୍ରତି ଇଟା ଗୁଟେ ବଡ୍ ଶ୍ରଦ୍ଧାଞ୍ଜଳି ହେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍‌ଥି ଅଏତ୍‌କା ନୁ ଅଏତ୍‌କା ଲୁକ୍‌କର୍ ଯୋଗ୍‌ଦାନ୍ ଅଲ୍‌ଗା ମାନ୍‌କର୍ ଲାଗି ପ୍ରେରଣା ହେଇଛେ । ଧାରିଜ୍ ଲକ୍ଷ୍ୟ ନୁ ଅଏତ୍‌କା ଚାରା ରୋପଣ୍ କରିକରି କେତେ ରାଜ୍ୟ ଉତ୍କର୍ଷ ପ୍ରତିପାଦନ୍ କରିପାରିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ୧- ପ୍ରଧାନ୍‌ମନ୍ତ୍ରୀ)

ମାତୃଭାଷାର ମହତ୍ୱ ଉପ୍‌ରେ ଆଲୋଚନା କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଦେଶେ ୨୦ ହଜାର୍ ଭାଷା ଆଉ ଉପଭାଷା ରହିଛେ । ସାନ୍ତାଳି ଭାଷାର୍ ସଂରକ୍ଷଣ୍ ଲାଗି ନିଆଯାଇଥିବା ପ୍ରୟାସ୍‌କେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ପ୍ରଶଂସା କରିଛନ୍ ।

ମୟୁର୍‌ଭଞ୍ଜ୍ ନିବାସୀ ରାମ୍‌ଜିତ୍ ଟୁଡୁ ଅନ୍‌ଲାଇନ୍ ଜରିଏ ସାନ୍ତାଳି ଭାଷାର୍ ପ୍ରଚାର୍ ଆର୍ ପ୍ରସାର୍ ଉପ୍‌ରେ ନେଉଥିବା ପଦକ୍ଷେପ୍‌ର ପ୍ରଧାନ୍‌ମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ । ସାନ୍ତଳି ଭାଷାର୍ ପ୍ରଚାର୍ ଆର୍ ପ୍ରସାର୍ ଉପ୍‌ରେ ରାମ୍‌ଜିତ୍ ଟୁଡୁ ଆକାଶ୍‌ବାଣୀକେ କହିଛନ୍..

(ଭଏସ୍ ଓଭର୍-୨-ରାମଜିତ୍ ଟୁଡୁ)

ମନ୍ କି ବାତ୍‌ର ଇତିହାସ୍‌କେ ପର୍ଯ୍ୟାଲୋଚନା କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଇ କାର୍ଯ୍ୟକ୍ରମ୍‌କେ ୧୦ ବଛର୍ ପୁରା ହେବାର୍‌କେ ଯାଉଛେ । ୨୦୧୪ ମସିହା ଅକ୍ଟୋବର୍

୩ ତାରିଖ୍ ବିଜୟା ଦଶ୍ମୀ ଦିନ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଥିଲା । ଶ୍ରୋତାମାନ୍‌କୁ ଇ କାର୍ଯ୍ୟକ୍ରମ୍‌ର ପ୍ରକୃତ ଉପସ୍ଥାପକ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇ କାର୍ଯ୍ୟକ୍ରମ୍‌ର ସଫଲ୍ ରୂପାୟନ୍ ଲାଗି ଆକାଶ୍‌ବାଣୀ, ଦୂରଦର୍ଶନ୍ ଆର୍ ପ୍ରସାର୍‌ଭାରତୀ ସଙ୍ଗେ ଜଡ଼ିତ ଅଧିକାରୀ କର୍ମଚାରୀମାନ୍‌କର୍ ପ୍ରଧାନ୍‌ମନ୍ତ୍ରୀ ବହୁତ୍ ପ୍ରଶଂସା କରିଛନ୍ ।

ସୁଭଦ୍ରା ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ଆଏବା ମାସ ୯ ତାରିଖ ଦିନ ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୨ ନମ୍ବର୍ ଖେପ୍ ଟଙ୍କା ହିତାଧିକାରୀମାନ୍‌କୁ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ବାରିପଦା ଠାନେ ହେବାର୍‌କେ ଥିବାର୍ ଗୁଟେ ସଭାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨ ନମ୍ବର୍ ଖେପ୍ ଟଙ୍କା ବାଂଟ୍‌ବେ । ସୁଭଦ୍ରା ଯୋଜ୍‌ନାଥି ପହେଲା ଆଉ ୧ କୋଟି ନମ୍ବର୍‌ଥି ଥିବା ମହିଲା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କର୍‌ବେ । ୨ ନମ୍ବର୍ ଖେପେ ୪୦ ଲାଖ୍ ଆବେଦନ୍‌କାରୀଙ୍କୁ ପହେଲା କିସ୍ତିର ୫ ହଜାର୍ ଟଙ୍କା ଲେଖା ଦିଆଯିବା । ଆଏବା ୭ ତାରିଖ୍‌ତକ୍ ଆବେଦନ୍ କରିଥିବା ହିତାଧିକାରୀ ମହିଲାମାନେ ୯ ତାରିଖ୍ ଦିନ ଇ ଟଙ୍କା ପାଏବେ । ଏବ୍‌ତକ୍ ୯୬ ଲାଖ୍ ମହିଲା ସୁଭଦ୍ରା ଯୋଜ୍‌ନା ଲାଗି ଆବେଦନ୍ କରିଥିବା ଜନାପଡ଼ିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ଗଲା ୧୭ ତାରିଖ୍ ଦିନ ସୁଭଦ୍ରା ଯୋଜ୍‌ନାର୍ ମୁଲ୍ ହେଇଥିଲା । ପହେଲା ଖେପେ ୨୫ ଲାଖ୍ ୧୧ ହଜାର୍ ମହିଲାଙ୍କୁ ପହେଲା କିସ୍ତି ଦିଆଯାଇଛେ । ମାର୍ଚ୍ଚ ୮ ତାରିଖ୍ ଆଘୋନୁ ସବୁ ଯୋଗ୍ୟ ମହିଲା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜ୍‌ନାର୍ ଟଙ୍କା ମିଲ୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସ୍ୱଷ୍ଟ କରିଛନ୍ ।

## ହୀରାକୁଦ୍-ଏୟାର୍‌ଫୋର୍ସ ରାଡ଼ାର୍ ଷ୍ଟେସନ୍

ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ବାୟୁସେନା ତର୍‌ଫୁ ସମ୍ବଲପୁର୍‌ର ହୀରାକୁଦ୍ ଠାନେ ଏୟାର୍‌ଫୋର୍ସର ଗୁଟେ ରାଡ଼ାର୍ ଷ୍ଟେସନ୍ ଥାପ୍‌ନା କର୍‌ବାର୍ ଲାଗି ପ୍ରକ୍ରିୟା ମୁଲ୍ ହେଇଛେ । ବାୟୁସେନା ତର୍‌ଫୁ ଇନ ଗୁଟେ ମିଡ଼ିୟମ୍ ରେଞ୍ଜ୍ ପାୱାର୍ ରାଡ଼ାର୍ ଷ୍ଟେସନ୍ ଥାପ୍‌ନା ହେବା । ଇଥିର୍‌ଲାଗି ରାଜ୍ୟ ସର୍‌କାର୍ ଜମି ଯୁଗେଇ ଦେଇଛନ୍ । ଇ ଷ୍ଟେସନ୍ ଥାପ୍‌ନା ହେଲେ ପୂର୍ବ ଭାରତ୍ ନ ବାୟୁସେନାର ଇଟା ପ୍ରମୁଖ କେନ୍ଦ୍ର ହେବା । ଇଟା ହେଲେ ସୁରକ୍ଷା ବାବ୍‌ଦେ ତଥ୍ୟ ଦିଆନିଆ ପ୍ରକ୍ରିୟା ବର୍‌କସ୍ ହେଇପାର୍‌ବା ବଲି କୁହାଯାଉଛେ । ମିଲିଥିବା ସୂଚ୍‌ନା ଅନ୍‌ସାରେ ଇ ରାଡ଼ାର୍ ଷ୍ଟେସନ୍‌ର କାର୍ଯ୍ୟ ପରିସୀମା ୩ ଶହ ନୁ ୪ ଶହ କିଲୋମିଟର୍ ଭିତ୍‌ରେ ରହେବା । ଗ୍ରାଉଣ୍ଡ୍ ବେସ୍‌ଡ୍ ୪-ଡି ସର୍ଭିଲାନ୍ସ ଜରିଏ ଭିନ୍ ଭିନ୍ ପ୍ରକାର୍ ଫଟୋ

ନିଆଯିବାର୍ ସଙ୍ଗେ ଆକ୍ରମଣ୍ ଲାଗି ଦୂରତାର୍ ଠିକ୍ ସୂଚ୍ନା ମିଲିପାର୍‌ବା । ହୀରାକୁଦ୍ ସମୁଦ୍ର ପତନ୍‌ନୁ ଉଛା ନ ଥିବାର୍‌ନୁ ରାଡ଼ାର୍ ଷ୍ଟେସନ୍ ଥାପ୍‌ନା ଲାଗି ଇ ଜାଗାକେ ବଛାଯାଇଛେ । ବାୟୁସେନାର ଅନୁରୋଧ୍ ଉତ୍‌ରୁ ରାଜ୍ୟ ସର୍‌କାର୍ ତର୍‌ଫୁ ସମ୍ବଲ୍‌ପୁର୍ ତହସିଲ୍ ଅଧୀନ୍ ଗୌଡ଼ପାଲି ମୌଜା ନ ୨ ଏକର୍ ୪୦ ଡିସ୍‌ମିଲ୍ ଜମି ଚିହ୍ନଟ୍ କରାଯାଇଥିଲା ।

ରାସନ୍‌କାର୍ଡ଼ ଇ-କେୱାଇସି ଆର୍‌ଏନ୍‌ୟୁ/ ସମ୍ବଲପୁର

ଯେବ୍‌ତକ୍ ଶେଷ୍ ଲୁକ୍‌କର୍ ରାସନ୍‌କାର୍ଡ଼ର ଇ-କେୱାଇସି ନାଇଁ ସରି ସେତେବେଲ୍‌ତକ୍ ଇ ପ୍ରକ୍ରିୟା ଜାରି ରହେବା ବଲି ରାଜ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍ ଯେ, ଏବ୍‌ତକ୍ ୨ କୋଟିନୁ ଅଏତ୍‌କା ଲୁକ୍‌କର୍ ଇ-କେୱାଇସି ସରିଛେ । ବାକି ଦେଢ଼୍‌କୋଟି ଲୁକ୍‌କର୍ ଇ-କେୱାଇସି ସାର୍‌ବାର୍‌କେ ମାସେ ନୁ ଦେଢ଼୍‌ମାସ୍ ସମିଆ ଲାଗିପାରେ । ସବୁ ଲୁକ୍‌କର୍ ଇ - କେୱାଇସି ପ୍ରକ୍ରିୟା ସର୍‌ବାର୍ ଉତ୍‌ରୁ ଅଯୋଗ୍ୟ ହିତାଧିକାରୀଙ୍କର୍ ଠିକ୍ ସଂଖ୍ୟା ଜନାପଡ଼୍‌ବା । ସେମାନ୍‌କୁ ବାଦ୍ ଦିଆଯାଇକରି ନୂଆଁ କାର୍ଡ଼ ଲାଗି ଆବେଦନ୍ କରିଥିବା ଯୋଗ୍ୟ ଆବେଦନ୍‌କାରୀଙ୍କୁ ରାସନ୍‌କାର୍ଡ଼ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର ସ୍ପଷ୍ଟ କରିଛନ୍ ।

ପିଏମ୍ ଜନ୍‌ମନ୍      ବୌଦ୍ଧ ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ଅନୁସୂଚିତ ଜନଜାତି ଉନ୍ନତ ଗ୍ରାମ ଅଭିଯାନ୍ ଯୋଜ୍‌ନାଥି ବୌଦ୍ଧ ଜିଲ୍ଲାର୍ ସବୁ ଯୋଗ୍ୟ ଆଦିମ ଜନଜାତି, ଆଦିବାସୀମାନ୍‌କୁ ସାମିଲ୍ କରାଯିବା । ଇଥିର୍‌ଲାଗି ଆଏବା ୨ ତାରିଖ୍ ଦିନ ବୌଦ୍ଧ ଟାଉନ୍‌ହଲ୍ ଠାନେ ଗୁଟେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ଆଏଜ୍ ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ଏକ୍ ପେଡ଼୍ ମା କେ ନାମ      ସୁବର୍ଣ୍ଣପୁର୍ ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ 'ଏକ୍ ପେଡ଼୍ ମା କେ ନାମ୍' ଅଭିଯାନ୍‌ଥି ସୁବର୍ଣ୍ଣପୁର୍ ରିଂରୋଡ଼୍ ନ ଗଛ୍ ଲଗାଯାଇଛେ । ଜିଲ୍ଲା ଜଙ୍ଗଲ୍ ବିଭାଗ୍ ସାହାଜ୍‌ଥି ସୁବର୍ଣ୍ଣପୁର୍ ବରିଷ୍ଠ ନାଗରିକ୍ ସଂଘ ଆର୍ ଶ୍ରୀଗୋପାଲ୍‌ଜୀ ଯୋଗାଲୟର୍ କର୍ମକର୍ତାମାନେ ଆଏଜ୍ ଇ ଗଛ୍ ଜଗେଇଛନ୍ । ଇଥି ଅତିରିକ୍ତ ଜିଲ୍ଲାପାଲ୍ ଅଞ୍ଜଳିନା ପ୍ରଧାନ୍ ବୃକ୍ଷରୋପଣ୍ କାର୍ଯ୍ୟକ୍ରମ୍‌କେ ଶୁଭାରମ୍ଭ କରିକରି ନଏଦ୍ ଖଁଡ଼ିର୍ ସୁରକ୍ଷା ସାଙ୍ଗେ ପରିବେଶ୍ ଲାଗି ଇ ଗଛ୍ ଲଗାବାରଟା ସବୁଜ ଆହ୍ୱାନ୍ ଆଏ ବଲି କହିଛନ୍ ।

ରେଲ୍ ଇଞ୍ଜିନ୍‌ର ଟ୍ରାଏଲ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଆଉ ପୁରୁଣାକଟକ୍ ଭିତ୍‌ରେ ତିଆର୍ ହେଇଥିବା ନୂଆଁ ରେଲ୍‌ଲାଇନ୍‌ଥି ଆଏଜ୍ ରେଲ୍ ଇଞ୍ଜିନ୍‌ର ଟ୍ରାଏଲ୍ ରନ୍ କରାଯାଇଛେ । ନୂଆଁ କରି ତିଆର୍ ହେଇଥିବା ବୌଦ୍ଧ ଷ୍ଟେସନ୍‌ନୁ ଗୁଟେ ସୁସଜ୍ଜିତ ରେଲ୍‌ଇଞ୍ଜିନ୍ ଇ ନୂଆଁ ରେଲ୍‌ଲାଇନ୍‌ଥି ଚାଲିଥିଲା । ପୁରୁଣାକଟକ୍ ଷ୍ଟେସନ୍‌ଠାନେ ଇଞ୍ଜିନ୍ ପୁହୁଁଚିବାର୍ ଉତ୍‌ରୁ ସାଧାରଣ୍ ଲୁକେ ଆଉ ଦକ୍ଷିଣ ପୂର୍ବାଂଚଲ୍ ସର୍କଲ୍ ରେଲ୍ ବିଭାଗ୍‌ର ଅଧିକାରୀ ଆଉ ଯନ୍ତ୍ରୀମାନେ ଉପସ୍ଥିତ୍ ରହିକରି ସ୍ୱାଗତ୍ କରିଥିଲେ । ବୌଦ୍ଧ ଜିଲ୍ଲାର୍ ପୁରୁଣାକଟକ୍ ଷ୍ଟେସନ୍‌ତକ୍ ଖୋବ୍ ଜଲ୍‌ଦି ରେଲ୍‌ଯାତ୍ରୀ ସେବା ମୁଳ୍ ହେବା ବଲି ସୂଚ୍‌ନା ମିଲିଛେ ।

ଚିତ୍ରାଙ୍କନ ପ୍ରତିଯୋଗିତା        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସ୍ୱଚ୍ଛତା ହିଁ ସେବା ଅଭିଯାନ୍‌ଥି ସୁବର୍ଣ୍ଣପୁର୍ ଠାନେ ‘ସ୍ୱଚ୍ଛ ଭାରତ୍-ସବୁଜ ଭାରତ୍’ ଶୀର୍ଷକ୍ ଉପ୍‌ରେ ଗୁଟେ ଚିତ୍ରାଙ୍କନ ପ୍ରତିଯୋଗିତା ହେଇଯାଇଛେ । ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ଶହେ ନୁ ଅଏତ୍‌କା ଛାତ୍ରଛାତ୍ରୀ ଭାଗ୍ ନେଇଥିଲେ । ଚିତ୍ରଶିଳ୍ପୀମାନ୍‌କୁ ପ୍ରଶାସନ୍ ତର୍‌ଫୁ ଟ୍ରଫି ଆର୍ ପ୍ରମାଣ୍‌ପତ୍ର ଦିଆଯାଇଛେ । ସେନ୍ତା ସ୍ୱଚ୍ଛ ଭାରତ୍ ସଂଗଠନ୍ ତର୍‌ଫୁ ସୁବର୍ଣ୍ଣପୁର୍‌ର ମା ମାଣିକେଶ୍ୱରୀ ମନ୍ଦିର

ପରିସରକେ ସ୍ୱଚ୍ଛତା ହିଁ ସେବା ଅଭିଯାନ୍‌ଥି ଆଏଜ୍ ସଫେଇ କରାଯାଇଛେ ।

ମୋବାଇଲ୍ ଏମ୍ବୁଲେନ୍ସ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସୁନାବେଡ଼ା ପାହାଡ଼୍ ଇଲାକାର୍ ଦୁଇଟା ଗ୍ରାମ୍‌ପଂଚାୟତ୍ ଲାଗି ମୋବାଇଲ୍ ଏମ୍ବୁଲେନ୍ସ ସେବା ମୁଲ୍ ହେଇଛେ । ଭାରତୀୟ ଷ୍ଟେଟ୍‌ବେଙ୍କ୍ ଫାଉଣ୍ଡେସନ୍ ତର୍‌ଫୁ ଗୁଟେ ଚାର୍‌ଚକିଆ ଗାଡ଼ିକେ ମୋବାଇଲ୍ ଏମ୍ବୁଲେନ୍ସଥି ବଦ୍‌ଲାଯାଇଛେ । ଇ ମୋବାଇଲ୍ ଏମ୍ବୁଲେନ୍ସ ସେବାଥି ଝନେ ଡାକ୍ତର୍, ଝନେ ଲେବ୍ ଟେକ୍ନିସିଆନ୍ ଆର୍ ଝନେ ଫାର୍ମାସିଷ୍ଟ୍ ଅଛନ୍ । ରୋଗୀଙ୍କର୍ ରକ୍ତ ପରୀକ୍ଷାନୁ ନେଇକରି ଗର୍ଭବତୀ ମହିଳାମାନ୍‌କୁ ସୁରକ୍ଷିତ୍ ଭାବେ ସ୍ୱାସ୍ଥ୍ୟକେନ୍ଦ୍ର ନ ପୁହୁଁଚାବାର୍‌ଥି ଇ ଆମ୍ବୁଲେନ୍ସ କାମ୍ କର୍‌ବା । ଇତାର୍‌ସଙ୍ଗେ ଇ ଆମ୍ବୁଲେନ୍ସଥି ମାହାଲିଆ ଉଷୋ ସାଙ୍ଗେ ରକ୍ତନମୁନାର ପରୀକ୍ଷା ଭିଲ୍ କରାଯାଉଛେ ।

ସମବାୟ ସମିତି-ସମୀକ୍ଷା ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମବାୟ ସମିତିର୍ ସଶକ୍ତିକରଣ୍ ଲାଗି ଦୁଇଦିନିଆ ଜାତୀୟସ୍ତରୀୟ ସମୀକ୍ଷା ବୈଠକ୍ ଆଏବା କାଏଲ୍‌ଠାନୁ ଭୁବ୍‌ନେଶ୍ୱର୍‌ର ଗୁଟେ ଘରୋଇ ହୋଟେଲ୍ ନ ହେବା । ଭାରତ୍ ସର୍‌କାର୍‌ଙ୍କର୍ ସମବାୟ ମନ୍ତ୍ରଣାଲୟର୍ ଶାସନ୍ ସଚିବ ଆଶିଷ୍ ଭୂଟାନୀ ମୁଖ୍ୟ ଅତିଥି ଭାବେ ଆଉ ଓଡ଼ିଶା ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ସମ୍ମାନନୀୟ ଅତିଥି ଭାବେ ଯୋଗ୍ ଦେଇକରି ବୈଠକ୍‌ର ଉଦ୍‌ଘାଟନ୍ କର୍‌ବେ ।